# Akashvani, Sambalpur

# SAMBALPURI NEWS MORNING BULLETIN

# 7 June 2026 - 6.47- 6.52 am.

---

ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟ          ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଦୂରଦର୍ଶୀ ନେତୃତ୍ୱଥି ରାଏଜେ ଶିଳ୍ପାୟନ୍‌କେ ତୁର୍ତି କରାଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶହେ ୪୭ ନମ୍ବର୍ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ୍‌ଥି ମୋଟ୍ ୨୪ ଟା ଶିଳ୍ପ ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ଇ ପ୍ରକଳ୍ପ ମାନ୍‌କର୍ ଜରିଏ ରାଏଜେ ୩ ହଜାର୍ ୭ ଶହ ୯୩ କୋଟି ୩୩ ଲାଖ୍ ଟଙ୍କାର୍ ପୁଞ୍ଜିନିବେଶ୍ ହେବାର୍ ସହେତେ ୧୯ ହଜାର୍ ୯ ଶହ ୨୪ ଟା ନୂଆଁ ନିଯୁକ୍ତି ସୁଯୋଗ୍ ତିଆର୍ ହେଇପାର୍‌ବା । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍, ସୁନ୍ଦର୍‌ଗଡ୍ ସହେତେ ୧୪ ଟା ଜିଲ୍ଲା ନ ଇ ପ୍ରକଳ୍ପ କାର୍ଯ୍ୟକାରୀ ହେବା । ବିକଶିତ୍ ଓଡ଼ିଶା ୨୦୩୬ ଲକ୍ଷ୍ୟ

ଦିଗେ ଇଟା ଗୁଟେ ବଡ଼ ପଦକ୍ଷେପ୍ ହେବା ବଲି ସର୍‌କାର୍‌ଙ୍କର୍ ତରଫ୍ରୁ କୁହାଯାଇଛେ ।

ଓଏଭି -ମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଖୋର୍ଦ୍ଧା ଜିଲ୍ଲା ଶ୍ରୀ ଲୋକନାଥ୍ ଦେବ ସର୍‌କାରୀ ଉଚ୍ଚବିଦ୍ୟାଳୟ ପରିସର ନ ୨ ନମ୍ବର୍ ଖେପେ ୨ ଶହ ୪ ଟା ଗୋଦାବରୀଶ୍ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍ ମାନେ ଉପସ୍ଥିତ୍ ରହେବେ ।

ମୁଖ୍ୟମନ୍ତ୍ରୀ-ସମ୍ବଲପୁର          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆୟୋଜିତ୍ ହେଇଥିବା ସମ୍ବଲ୍‌ପୁର୍ କପ୍ କବାଡ଼ି ଟୁର୍ଣ୍ଣାମେଂଟ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି

ଖେଳାଳିମାନ୍‌କୁ ଉତ୍ସାହିତ୍ କରିଛନ୍ । କବାଡ଼ିକେ ଆମର୍ ସଂସ୍କୃତିର୍ ପ୍ରତୀକ ବଲିକରି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ । ସମ୍ବଲ୍‌ପୁର୍‌ର ୯ ଟା ବ୍ଲକ୍ ନ ଷ୍ଟାଡ଼ିୟମ୍ ତିଆର୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇତାର୍ ସହେତେ ୨୫ କୋଟି ଟଙ୍କ ଖର୍ଚ୍ଚାଥି ଭିଏସ୍‌ଏସ୍ ଷ୍ଟାଡ଼ିୟମ୍‌ର ପୁର୍ନବିକାଶ୍ ଲାଗି ଟେଣ୍ଡର୍ ପ୍ରକ୍ରିୟା ମୁଲ୍ ହେଇଥିବାର୍ ବେଲେ ୧୫ କୋଟି ଟଙ୍କା ଖର୍ଚ୍ଚାଥି ମନ୍ଦଲିଆ ପଡ଼ିଆ ନ ଗୁଟେ ଆଧୁନିକ୍ ଫିଫା ଯୋଗ୍ୟତା ଥିବା ଫୁଟ୍‌ବଲ୍ ଷ୍ଟାଡ଼ିୟମ୍ ର ତିଆର୍ କାମ୍ ଚାଲୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଯୁବ ଖେଳାଳୀମାନ୍‌କର୍ ଲାଗି ଶହେ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ୍ ତିଆର୍ ହେବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭୀମ ବରାଡ଼ ଆଉ ପ୍ରିୟଙ୍କା ପ୍ରଧାନ୍‌ଙ୍କର୍ ସଫଲତାକେ ଯୁବପିଢ଼ିମାନ୍‌କର୍ ଲାଗି ପ୍ରେରଣା ଆଏ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ପଂଚାୟତ୍‌ରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଉ ଜିଲ୍ଲାପାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଆୟୁଷ୍ମାନ୍ ଭାରତ୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍‌ନୁ ଡାକ୍ତର୍‌ଖାନା ନ ଭର୍ତି ହେବାର୍ ଆଘର୍ ଆଉ ଉତ୍‌ରର୍ ଖର୍ଚ୍ଚା ଆଦାୟ ନାଇଁ କର୍‌ବାର୍‌କେ ରାଜ୍ୟ ସ୍ୱାସ୍ଥ୍ୟ ନିଶ୍ଚିତକରଣ ସମିତି -ଏସ୍.ଏଚ୍.ଏ.ଏସ୍. ତର୍‌ଫୁ ସବୁ ପଞ୍ଜିକୃତ୍ ଡାକ୍ତର୍‌ଖାନାକେ କଡ଼ା ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଏଡ୍‌ମିଟ୍ ହେବାର୍ ଆଘର୍ ୩ ଦିନ୍ ଆଉ ଡିସ୍‌ଚାର୍ଜ ହେବାର୍ ଉତ୍‌ରୁ ୧୫ ଦିନ୍‌ତକ୍ ପରାମର୍ଶ, ଉଷୋ, ପରୀକ୍ଷା ଆଉ ଫଲୋଅପ୍ ପେକେଜ୍ ମୂଲ୍ୟଥି ସାମିଲ୍ ହେବା । ଇତାର୍‌ସହେତେ ଅସ୍ତ୍ରୋପଚାର୍, ଜଟିଳତା ଆଉ ଫେର୍‌ଘାଏ ଭର୍ତି ଖର୍ଚ୍ଚା ଭିଲ୍ ମାହାଲିଆ କରାଯିବା । ଇଥି ଖିଲାପ୍ କଲେ କର୍ତ୍ତୃପକ୍ଷଙ୍କର୍ ବିରୋଧି ନ କାର୍ଯ୍ୟାନୁଷ୍ଠାନ୍ ନିଆଯିବା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ୨ ଟା ଘରୋଇ ଡାକ୍ତର୍‌ଖାନା ବୁଲି ଦେଖିକରି ନିର୍ଦ୍ଦେଶ୍‌ନାମା ପାଲନ୍ ବାବ୍‌ଦେ ସମୀକ୍ଷା କରିଛନ୍ ।

ବେଙ୍କର୍ସ କମିଟି ବୈଠକ୍   ଆଇ ଆଣ୍ଡ ପି.ଆର୍

ମାର୍ଚ୍ଚ ୨୦୨୬- ୩ ମାସିଆ କାର୍ଯ୍ୟଦକ୍ଷତା ସମୀକ୍ଷା ଲାଗି ଓଡ଼ିଶା ରାଜ୍ୟସ୍ତରୀୟ ବେଙ୍କର୍ସ କମିଟିର୍ ଶହେ ୩୮ ନମ୍ବର୍ ବୈଠକ୍ ଗଲାକାଏଲ୍ ଭୁବନେଶ୍ୱର୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ସବୁ କ୍ଷେତ୍ରଥି ସନ୍ତୁଲିତ୍ ଋଣ ଯୁଗାବାର୍ ଉପ୍ରେ ଜୋର୍ ଦେଇକରି ମୁଖ୍ୟ ଶାସନ୍ ସଚିବ କହିଛନ୍, ପର୍ଯ୍ୟଟନ୍, କୃଷି ଉଦ୍ୟୋଗ୍ ମାଛ୍ ଚାଷ୍, ଖାଏବାର୍ ଦରବ୍ ପ୍ରକ୍ରିୟାକରଣ୍ ଆଉ ସେବା କ୍ଷେତ୍ରକେ ପ୍ରାଥମିକତା ଦିଆଯିବା । ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍ନେସ୍ ଆଉ ରେଡ୍ ଟେପ୍ ଠାନୁ ରେଡ୍କାର୍ପେଟ୍ ଆଭିମୁଖ୍ୟ ଗ୍ରହଣ୍ କର୍ବାର୍ ଲାଗି ଭିଲ୍ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ୍ ଦେଇଛନ୍ ।

ଉଚ୍ଚଶିକ୍ଷା ବିଭାଗ୍- ବୁଝାମଣାପତ୍ର ଆଇ ଆଣ୍ଡ୍ ପି.ଆର୍

ରାଏଜେ ଛାତ୍ରୀମାନ୍କୁ ଏ.ଆଇ. ଆଉ ଆଧୁନିକ୍ ପ୍ରଯୁକ୍ତିବିଦ୍ୟାଥି ସଶକ୍ତ କର୍ବାର୍କେ ଉଚ୍ଚଶିକ୍ଷା ବିଭାଗ୍ ଆଉ ଏଡ୍ୟୁନେଟ୍ ଫାଉଣ୍ଡେସନ୍ ଭିତ୍ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ମାଇକ୍ରୋସଫ୍ଟ ସହଯୋଗଥି ରାଜ୍ୟର୍ ମହାବିଦ୍ୟାଳୟର୍

ଛାତ୍ରୀମାନ୍‌କୁ କୃତ୍ରିମ ବୁଦ୍ଧିମତା, ଡାଟା ସାଇନ୍ସ, ମେସିନ୍ ଲର୍ଣ୍ଣିଂ, ସାଇବର୍ ସିକ୍ୟୁରିଟି, ପାଇଥନ୍, ଡାଟା ଏନାଲିଟିକ୍ସଥି ୨ ଶହ ୪୦ ଘଂଟାର୍ ତାଲିମ୍ ଦିଆଯିବା । ଫି’ ବଛର୍ ଇଥି ହଜାରେ ଝନ୍ ଛାତ୍ରୀଙ୍କୁ ତାଲିମ୍ ଦିଆଯିବାର୍ ଲକ୍ଷ୍ୟ ରଖାଯାଇଛେ । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇ ଅବ୍‌ସରେ କହିଛନ୍, ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଛାତ୍ରୀମାନ୍‌କୁ ପ୍ରଯୁକ୍ତି କ୍ଷେତ୍ରଥି ସଶକ୍ତ କର୍‌ବାର୍ ଟା ଇତାର୍ ମୁଖ୍ୟ ଲକ୍ଷ୍ୟ ଆଏ ।

ଏସ୍‌ଆଇଆର         ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ଗଲାକାଏଲ୍ ୮ ନମ୍ବର୍ ଦିନ୍ ସରିଛେ । ବେଲ୍‌ବୁଡ଼ାର୍ ୬ ବଜେତକ୍ ରାଏଜେ ୧ କୋଟି ୯୮ ଲାଖ୍ ୯୭ ହଜାର୍ ୩ ଶହ ୩୧ ଝନ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଲିଛେ ।

ପି.ଓ.ଏ. ଆଇନ୍- ବୈଠକ୍          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଅନୁସୂଚିତ ଜାତି ଆଉ ଜନଜାତି ଲୁକ୍‌କର୍ ଲାଗି ଜିଲ୍ଲାସ୍ତରୀୟ ସତର୍କତା ଆଉ ଅତ୍ୟାଚାର୍ ନିବାରଣ୍ ପି.ଓ.ଏ. ଆଇନ୍-୧୯୮୯ ବାବ୍‌ଦେ ଗୁଟେ ବୈଠକ୍ ହେଇଯାଇଛେ । ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର୍ ଲୁକ୍‌କୁ ନ୍ୟାୟ ଆଉ ସମାନତା ଦେବାର୍ ଉପ୍‌ରେ କାମ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ହପ୍ତେ ଭିତ୍‌ରେ ଓଡ଼ିଶା ଉପୂକଳକେ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତରଫୁ ଆକଲନ୍ କରାଯାଇଛେ । ମୌସୁମୀ ଆଗ୍‌କେ ବଢ଼୍‌ବାର୍ ଲାଗି ପାଗ୍ ଅନୁକୂଳ ରହିଛେ ।

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍ ସହେତେ ୨୪ ଟା ଜିଲ୍ଲା ନ ଧୁକାଗର୍ଦ୍ଦି ସାଙ୍ଗେ

ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୩ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।